ADFACTORS PR
Knowledge-driven communications

| Published Date: | 8 Sep 2018 | Publication: | Samaja (Oriya) |
|---|---|---|---|
| Edition: | Bhubaneshwar | Page No: | 21 |
| MAV/CCM: | 145600/52 | Circulation: | 200000 |

### ଟିସିଏସ୍ ଆଇଟି ୱିଜ୍ ୨୦୧୮ ଭୁବନେଶ୍ୱର ସଂସ୍କରଣ

# ବେଲପାହାଡ଼ ଇଂରାଜୀ ବିଦ୍ୟାଳୟର ଚିରଞ୍ଜୀବୀ ଓ ବେଦାଂଶ ବିଜେତା

ଭୁବନେଶ୍ୱର, ୭।୯: ବେଲପାହାଡ ଇଂରାଜୀ ବିଦ୍ୟାଳୟର ଚିରଞ୍ଜିବୀ ପ୍ରଧାନ ଓ ବେଦାଂଶ ପ୍ରଧାନ ସର୍ବବୃହତ ଆନ୍ତଃବିଦ୍ୟାଳୟ କୁଇଜ୍ ପ୍ରତିଯୋଗିତା ଟିସିଏସ୍ ଆଇଟି ୱିଜ୍ ୨୦୧୮ ଭୁବନେଶ୍ୱର ସଂସ୍କରଣର ବିଜେତା ହୋଇଛନ୍ତି। ରନର୍ସ ଅପ୍ ଭାବେ ଭୁବନେଶ୍ୱର ପଟିଆସ୍ଥିତ ସାଇ ଇଣ୍ଟରନ୍ୟାସନାଲ ବିଦ୍ୟାଳୟର ସ୍ୱସ୍ତିକ ଦାସ ଓ ପ୍ରିୟାଂଶୁ ମିଶ୍ର ବିଜୟୀ ହୋଇଛନ୍ତି। ରାଜଧାନୀରେ ଆଜି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ପୁରୀ, କଟକ, ପାରାଦୀପ, ରାଉରକେଲା, ଝାରସୁଗୁଡ଼ା, ଦାମନଯୋଡ଼ି, ଯାଜପୁର, ଗଂଜାମ ଓ ଜାମସେଦପୁର ଭଳି ସହରର ବିଦ୍ୟାଳୟର ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରଯୁକ୍ତି ଦକ୍ଷତାର ସଶକ୍ତୀକରଣର ବର୍ଦ୍ଧିତ ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ୮-୧୨ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ମୁକ୍ତ ଥିଲା। ପ୍ରତି ବିଦ୍ୟାଳୟରୁ ଦୁଇ ସଦସ୍ୟ ବିଶିଷ୍ଟ ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ଟିସିଏସ୍ ଆଇଟି ୱିଜ୍‌ରେ ଟେକ୍ ଟ୍ରେଣ୍ଡର ମିଶ୍ରଣ କରାଯାଇଛି। ପ୍ରାରମ୍ଭିକ ଲିଖିତ ପର୍ଯ୍ୟାୟର ଶ୍ରେଷ୍ଠ ୬ ଟିମ୍ ଆଞ୍ଚଳିକ ପର୍ଯ୍ୟାୟରେ ଭାଗ ନେଇ ଯୋଗ୍ୟତା ହାସଲ କରିଥିଲେ। ଆଞ୍ଚଳିକ ଫାଇନାଲ୍‌ର ବିଜେତାଙ୍କୁ ୬୦,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ଏବଂ ରନର୍ସ ଅପ୍ ଟିମ୍‌କୁ ୪୦,୦୦୦ ଟଙ୍କାର ଗିଫ୍ଟ ଭାଉଚର୍ ପ୍ରଦାନ କରାଯାଇଥିଲା। ବିଜେତମାନେ ଜାତୀୟ ଫାଇନାଲ୍‌ରେ ସାରା ଭାରତର ଅନ୍ୟ ୧୧ଟି ଆଞ୍ଚଳିକ ଚାମ୍ପିଆନ୍ ଟିମ୍ ସହ ଭୁବନେଶ୍ୱରରୁ ପ୍ରତିନିଧିତ୍ୱ କରିବେ। ଏଥିରେ ସମ୍ମାନିତ ଅତିଥି ଭାବେ ସଫ୍ଟୱେର ଟେକ୍ନୋଲୋଜି ପାର୍କ ଅଫ୍ ଇଣ୍ଡିଆର ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡା, ଟିସିଏସ୍ ସେଣ୍ଟର ମୁଖ୍ୟ (ଓଡ଼ିଶା) ମନୋଜ କୁମାର ପଣ୍ଡା ଏବଂ ଉପସଭାପତି ଓ ଗ୍ଲୋବାଲ୍ ହେଡ୍ ଟ୍ୟାଲେଣ୍ଟ ଡେଭେଲପ୍‌ମେଣ୍ଟ ଦାମୋଦର ପାଢ଼ୀ ପୁରସ୍କାର ପ୍ରଦାନ କରିଥିଲେ।

